ବିଶ୍ୱ ମହାତ୍ମା–ଗାନ୍ଧିଜୀ

ଅଧ୍ୟାପକ ପବିତ୍ର ମୋହନ ବାରିକ

ବିଶ୍ୱର ଆଲୋକ, ଜାତିର ଜନକ, କୋଟି ହୃଦୟର ପଦକ ମହାତ୍ମା ଗାନ୍ଧୀ ଜଣେ ମହାନୁଭବୀ ମହାମାନବ । ଏହି ପ୍ରଣମ୍ୟ ମହାପୁରୁଷଙ୍କ ଶହେ ପଚ଼ାଶତମ ଜନ୍ମ ବାର୍ଷିକୀକୁ ଆଜି ସମଗ୍ର ବିଶ୍ୱ ଶ୍ରଦ୍ଧା ଓ ସମ୍ମାନର ସହିତ ପାଳନ କରୁଛି । ଗାନ୍ଧିଜୀ କେବଳ ଏକ ନାମ ତାହା ନୁହେଁ, ଏହା ଏକ ଆନ୍ଦୋଳନ, ବିଚ଼ାରଧାରା, ବ୍ୟବସ୍ଥା, ତତ୍ତ୍ୱ ଓ ମତବାଦ । ଗାନ୍ଧୀ ଗୋଟିଏ ଜାତିର ଜନକ ଭାବରେ ସୀମାବଦ୍ଧ ନୁହଁନ୍ତି, ସେ ସାରା ବିଶ୍ୱର ମାନବାଦର୍ଶୀ । ଗାନ୍ଧିଜୀଙ୍କର ଚିନ୍ତାଧାରା, ଆଦର୍ଶ, ଦର୍ଶନ, ତତ୍ତ୍ୱ , ଜୀବନଶୈଳୀ, ଚ଼େତନା, ଭାବନା ଓ କାର୍ଯ୍ୟଶୈଳୀ ପ୍ରଭୃତି ବିଶ୍ୱରେ ଏକ ଅଭିନବ ମତବାଦକୁ ଜନ୍ମ ଦେଇଛି, ଯାହା ଗାନ୍ଧୀବାଦ ନାମରେ ଅଧିକ ପରିଚ଼ିତ ଏବଂ ସର୍ବଜନ ଆଦୃତ । ଗାନ୍ଧୀବାଦ ବିଶ୍ୱର ଆକର୍ଷଣର କେନ୍ଦ୍ର ବିନ୍ଦୁ । ଅହିଂସା ତାଙ୍କର ପରମ ଧର୍ମ, ସତ୍ୟ ତାଙ୍କ ପାଇଁ ସିଦ୍ଧାନ୍ତ ଓ ମାନବ ଧର୍ମର ସେ ଥିଲେ ଅଦ୍ୱିତୀୟ ଦେବଦୂତ । ଭାରତୀୟ ମୁକ୍ତି ସଂଗ୍ରାମରେ ସେ ପରୀକ୍ଷା କରିଥିବା ଓ ସଫଳତା ପାଇଥିବା ଅହିଂସା ଆନ୍ଦୋଳନ ଆଜି ବିଶ୍ୱର ମାର୍ଗ ଦର୍ଶକ ରୂପେ ସ୍ୱୀକୃତି ଲାଭ କରିଛି । ଗାନ୍ଧୀ ନିଜେ ଥିଲେ ନିଜର ପରିଚ଼ୟ । ତାଙ୍କ ଜୀବଦଶାରେ ଓ ଆବର୍ତ୍ତନରେ କେତେ ଗ୍ରହଣୀୟ ଥିଲେ, ଏହାର ପ୍ରମାଣର କୌଣସି ଆବଶ୍ୟକତା ନାହିଁ । ମିଳିତ ଜାତିସଂଘ ୨୦୦୭ ମସିହା ସାଧାରଣ ଅଧିବେଶନରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନକୁ ସ୍ୱୀକୃତି ପ୍ରଦାନ କରି ତାଙ୍କ ଜନ୍ମ ଦିବସକୁ ଅନ୍ତର୍ଜାତୀୟ ଅହିଂସା ଦିବସ ରୂପେ ପାଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ପ୍ରତିବର୍ଷ ଅକ୍ଟୋବର ଦୁଇ ତାରିଖ ଗାନ୍ଧୀ ଜୟନ୍ତୀକୁ ସମଗ୍ର ବିଶ୍ୱ ଅହିଂସା ଦିବସ ରୂପେ ପାଳନ କରୁଛି । ଗାନ୍ଧୀବାଦର ବିଚ଼ାରଧାରାକୁ ସମଗ୍ର ବିଶ୍ୱ ଆଜି ଆପଣାର କରିନେଇଛି । କିଛି ବିଦ୍ୱାନ ଗାନ୍ଧୀଙ୍କୁ ବିଶ୍ୱର ବିସ୍ମୟ ରୂପେ ଅଭିହିତ କରୁଥିବା ବେଳେ ଅନ୍ୟ କିଛି ଗବେଷକମାନଙ୍କ ମତରେ ଗାନ୍ଧୀ ଜଣେ ଅସାଧାରଣ ବ୍ୟକ୍ତି ଅବା ବିରଳ ବ୍ୟକ୍ତିତ୍ୱ କେବଳ ନଥିଲେ ବରଂ ସେ ଏକ ତତ୍ତ୍ୱ ଓ ବିଚ଼ାରଧାରା ଥିଲେ । ଗାନ୍ଧିଜୀ କେବଳ ଭାରତବର୍ଷର ଆଦର୍ଶ ନୁହଁନ୍ତି ସାରା ବିଶ୍ୱ ସମୁଦାୟର ପଥପ୍ରଦର୍ଶକ । ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ, ନେତୃତ୍ୱ, ଆଦର୍ଶ ଓ ତ୍ୟାଗ ପାଇଁ ସମଗ୍ର ଭାରତବର୍ଷର ଜନସାଧାରଣ ତାଙ୍କୁ ମହାତ୍ମା ବୋଲି ସମ୍ବୋଧନ କରୁଛନ୍ତି । କେବଳ ଭାରତୀୟମାନେ ନୁହଁନ୍ତି ବିଦେଶର ବହୁ ସୁନାମଧନ୍ୟ ବ୍ୟକ୍ତିତ୍ୱ ଗାନ୍ଧିଜୀଙ୍କର ପ୍ରେମରେ ବିମୋହିତ । ଅଦ୍ୱିତୀୟ ଗାନ୍ଧିଜୀଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱରେ ବିଦେଶୀ ନାଗରିକମାନେ ପ୍ରଭାବିତ ଓ ଅନୁପ୍ରାଣିତ । ବିଦେଶରେ ଗାନ୍ଧିଜୀଙ୍କର ପ୍ରତିଭା କେତେ ପ୍ରଭାବଶାଳୀ ଥିଲା ଏକ ଛୋଟ ଉଦାହରଣରୁ ସହଜରେ ଏହା ଅନୁମେୟ ହୁଏ । ୧୯୩୦ ମସିହାରେ ଇଂଲଣ୍ଡର ଭାରତ ସଚିବ ଯେକି ଜଣେ କ୍ୟାବିନେଟ୍ ମନ୍ତ୍ରୀ ତାଙ୍କର ପରାମର୍ଶଦାତା ସାର୍ ଅବଦୁଲ୍ କାଦିର୍ ଅଷ୍ଟ୍ରିଆର ରାଜଧାନୀ ଭିଏନା ନଗରୀ ଯାଇଥିଲେ । ସେ ଭିଏନାର ଏକ ରେଷ୍ଟୁରାଣ୍ଟକୁ ଯାଇ ଟେବୁଲରେ ବସି ଖାଇବା ତାଲିକାରେ ଆଖି ପକାଉଥିବା ବେଳେ ଏକ ଯୁବ ପରିଚ଼ାଳକ ତାଙ୍କ ପାଖକୁ ଆସି କ'ଣ ଖାଇବେ ପଚ଼ାରିବା

ପରିବର୍ତ୍ତେ ସେ ପ୍ରଶ୍ନ କରିଥିଲେ ଆପଣ କ'ଣ ଗାନ୍ଧିଜୀଙ୍କ ଦେଶରୁ ଆସିଛନ୍ତି । ସାର୍ ଅବଦୁଲ୍ କାଦିର୍ କହିଲେ- ମୁଁ ଗାନ୍ଧୀଙ୍କ ଦେଶରୁ ଆସିଛି, ତାଙ୍କୁ ଦେଖିଛି ଓ ତାଙ୍କ ସହିତ ବହୁବାର କଥା ହୋଇଛି । ତତ୍‌କ୍ଷଣାତ ଯୁବ ପରିଚାଳକ ଆନନ୍ଦରେ ବିଭୋର ଓ ଉତ୍‌ଫୁଲ୍ଲିତ ହୋଇ କହିଲେ- ମୁଁ ନିଜକୁ ବହୁତ ଭାଗ୍ୟବାନ ଓ ଗୌରାବାନ୍ୱିତ ମନେ କରୁଛି ଯେ ଗାନ୍ଧୀଙ୍କୁ ଦେଖିଥିବା ଓ ତାଙ୍କ ସହିତ କଥା ହୋଇଥିବା ଜଣେ ବ୍ୟକ୍ତିଙ୍କୁ ମୁଁ ଦେଖୁଛି ଓ ତାଙ୍କ ସହିତ କଥା ହେଉଛି । ୧୯୩୯ ମସିହାରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ସଂପାଦନରେ ଏକ ସାରଗର୍ଭକ ଓ ତତ୍ତ୍ୱ ଦର୍ଶନ ସମ୍ବଳିତ ଏକ ବିରଳ ପୁସ୍ତକ ପ୍ରକାଶିତ ହୋଇଥିଲା । ଗାନ୍ଧିଜୀଙ୍କର ୭୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଏହି ପୁସ୍ତକ ପ୍ରକାଶିତ ହୋଇଥିଲା । ଆମେରିକାର ସୁନାମଧନ୍ୟ ପାଦ୍ରୀ ଜନ୍ ହେନ୍ସ୍ ହୋମ୍ସଙ୍କ ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା । ସେହି ପ୍ରବନ୍ଧରେ ସେ ଉଲ୍ଲେଖ କରିଛନ୍ତି- ''୨୦ ବର୍ଷ ତଳେ ଯେତେବେଳେ ମୁଁ ଘୋଷଣା କରିଥିଲି ଗାନ୍ଧୀ ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟକ୍ତି, ସେତେବେଳେ ମୋ କଥାକୁ କେହି ବିଶ୍ୱାସ କରି ନଥିଲେ । ସେତେବେଳେ ପାଶ୍ଚାତ୍ୟ ଦେଶ ତାଙ୍କୁ ଭଲ ଭାବରେ ବୁଝିପାରି ନଥିଲେ । ଆଜି କିନ୍ତୁ ସେ ସମଗ୍ର ପୃଥିବୀରେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଭାବରେ ପ୍ରସିଦ୍ଧିଲାଭ କରିଛନ୍ତି । ଗାନ୍ଧିଜୀ ଦାର୍ଶନିକ, ଋଷି, ସାଧୁ, ସନ୍ଥ ନଥିଲେ । ସେ କୌଣସି ପୁସ୍ତକ ବା କବିତା ଲେଖି ପ୍ରସିଦ୍ଧି ଅର୍ଜନ କରିନଥିଲେ । ତାଙ୍କ ଚେହେରାରେ ସେଭଳି କୌଣସି ଆକର୍ଷଣ ନଥିଲା । କିନ୍ତୁ ଗୋଟିଏ ଦେଶର ଯୋଗ୍ୟ ନାଗରିକ ହେବା ପାଇଁ ଯାହା-ଯାହା ଆବଶ୍ୟକ ସେ ଭାରତ ସମେତ ସମଗ୍ର ବିଶ୍ୱକୁ ଜଣାଇଥିଲେ'' । ନ୍ୟାୟ ଓ ଉଦାରବାଦ ପରି ଦୁଇଟି ପାଶ୍ଚାତ୍ୟ ବିଚାରଧାରାକୁ ମାନବବାଦର ଆୟୁଧ ରୂପେ ବ୍ୟବହାର କରିଥିଲେ ଗାନ୍ଧିଜୀ । ତାଙ୍କ ପ୍ରଣୋଦିତ ଅହିଂସା ଆନ୍ଦୋଳନ ରାଜନୈତିକ ସୀମା ଓ ସରହଦ ଅତିକ୍ରମ କରି ବିଶ୍ୱରେ ବ୍ୟାପକ ଭାବରେ ବିସ୍ତାର ଲାଭ କଲା । ଯୁକ୍ତରାଷ୍ଟ୍ର ଆମେରିକାର ମାର୍ଟିନ୍ ଲୁଥର କିଙ୍ଗ୍ ଜାମ୍ବିଆର କେନିଥ୍ କାଉଣ୍ଡା, ଦକ୍ଷିଣ ଆଫ୍ରିକାର ଇନ୍‌କୋସି, ଆଲବର୍ଟ ଲୁଥାଲ, ନେଲ୍‌ସନ୍ ମଣ୍ଡେଲା ପ୍ରଭୃତି ବିଶ୍ୱର ବରେଣ୍ୟ ବ୍ୟକ୍ତିତ୍ୱ ଗାନ୍ଧୀଭକ୍ତ ଭାବରେ ଜଣାଶୁଣା । ୧୯୧୫ ମସିହାରେ ନୋବେଲ ପୁରସ୍କାର ବିଜୟୀ ବିଖ୍ୟାତ ସାହିତ୍ୟିକ ତଥା ଦାର୍ଶନିକ ରୋମାରୋଲାଁ ଗାନ୍ଧୀଙ୍କ ପ୍ରେମର ଜଣେ ଅନୁରକ୍ତ ଗୁଣଗ୍ରାହୀ । ରୋମାରୋଲାଁ ଜଣେ ଶାନ୍ତିକାମୀ, ସତ୍ୟବାଦୀ, ମାନବବାଦୀ ଓ ଈଶ୍ୱର ବିଶ୍ୱାସୀ ମହାନୁଭବ ଭାବରେ ୟୁରୋପ ମହାଦେଶରେ ଯଥେଷ୍ଟ ସୁନାମର ଅଧିକାରୀ ଥିଲେ । ଯୁଦ୍ଧର କୁ-ପରିଣାମ ସଂପର୍କରେ ସଫଳ ଜନମତ ସୃଷ୍ଟି କରିବା ଦିଗରେ ସମର୍ଥ ହୋଇଥିଲେ । ତାଙ୍କୁ ୟୁରୋପର ''ବିବେକ ଓ ନୈତିକ ଚେତନା'' ବୋଲି କୁହାଯାଏ । ରୋମାରୋଲାଁ ଅନୁଭବ କରିଥିଲେ ପ୍ରଭୁ ଯୀଶୁ ପୁନର୍ବାର ଗାନ୍ଧୀ ମହାତ୍ମା ରୂପେ ଭାରତରେ ଆବିର୍ଭାବ ହୋଇଛନ୍ତି । ଗାନ୍ଧିଜୀଙ୍କର ସମସ୍ତ ନୀତି, ଆଦର୍ଶ ଓ ଚିନ୍ତାଧାରା ବିଷୟରେ ସଂପୂର୍ଣ୍ଣ ଅବଗତ ହୋଇ ରୋମାରୋଲାଁ ଦୃଢ଼ ନିଶ୍ଚିତ ହେଲେ ଗାନ୍ଧୀ ପ୍ରଭୁ ଯୀଶୁଙ୍କର ଅବତାର । ଭାରତବର୍ଷ, ଗାନ୍ଧିଜୀ ଓ ତାଙ୍କ ପ୍ରଣୀତ ଅହିଂସା ଆନ୍ଦୋଳନ ସଂପର୍କରେ ତଥ୍ୟ ସଂଗ୍ରହ କରି ଗାନ୍ଧୀଙ୍କ ସହିତ ପତ୍ର ମାଧ୍ୟମରେ ସଂପର୍କ ସ୍ଥାପନ କଲେ । ଭାରତବର୍ଷ ଭଗବାନଙ୍କର ଉତ୍ପତ୍ତିସ୍ଥଳ ଓ ଗାନ୍ଧିଜୀ ମାନବ ଜାତିର ନୂତନ ସମ୍ଭାବନା, ପଥ ପ୍ରଦର୍ଶକ, ଦିଗ୍‌ଦର୍ଶକ ପରି ରୋମାରୋଲାଁଙ୍କୁ ପ୍ରତୀୟମାନ ହେଲା । ରୋମାରୋଲାଁ ୧୯୨୪ ମସିହାରେ ଏକ କ୍ଷୁଦ୍ର ପୁସ୍ତକ ଗାନ୍ଧିଜୀଙ୍କ ସଂପର୍କରେ ପ୍ରକାଶ କରିଥିଲେ । ଉକ୍ତ ପୁସ୍ତକର ନାମ ଥିଲା ''ମହାତ୍ମା ଗାନ୍ଧୀ ଦି ଲିଡର ଅଫ୍ ଦି ୟୁନିଭର୍‌ସାଲ ପିସ୍ ଏଣ୍ଡ ଲିବର୍ଟି'' । ଏହି ବହିଟି ବହୁ ଭାଷାରେ ଅନୁଦିତ ହୋଇ ସମଗ୍ର ୟୁରୋପରେ ଗାନ୍ଧିଜୀଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଭାରତ ପ୍ରତି ଓ ବ୍ୟକ୍ତିଗତ ଭାବେ ଗାନ୍ଧିଜୀଙ୍କ ପ୍ରତି ରୋମାରୋଲାଁଙ୍କ ସର୍ବଶ୍ରେଷ୍ଠ ଅବଦାନ ଥିଲା ମେଡେଲିନ୍ ସ୍ଲେଡ ବା ମୀରା ବେନ୍ । ମେଡେଲିନ୍ ସ୍ଲେଡ ଥିଲେ ସାର୍ ଏଡମଣ୍ଡ ସ୍ଲେଡ ନାମକ ଜୈନିକ ବ୍ରିଟିଶ୍ ସାମରିକ ଅଧିକାରୀଙ୍କ କନ୍ୟା ଏବଂ ରୋମାରୋଲାଁଙ୍କ ଛାତ୍ରୀ । ଗାନ୍ଧୀ ପ୍ରଭୁ ଯୀଶୁଙ୍କର ଅବତାର ଏକଥା ମେଡେଲିନ୍ ନିଜଗୁରୁ ରୋମାରୋଲାଁଙ୍କଠାରୁ ଶୁଣି ଭାରତ ଯାଇ ଗାନ୍ଧୀଙ୍କ

ସେବାରେ ନିଜକୁ ସମର୍ପିତ କରିବା ନିମନ୍ତେ ସିଦ୍ଧାନ୍ତ ନେଲେ । ପତ୍ର ମାଧ୍ୟମରେ ଏକଥା ଗାନ୍ଧିଜୀଙ୍କୁ ଜଣାଇ ଦିଆଗଲା । ମେଡେଲିନ୍‌ଙ୍କୁ ମୀରା ବେନ୍ ନାମ ପ୍ରଦାନ କରି ନିଜ କନ୍ୟାର ମାନ୍ୟତା ଦେଇ ଗାନ୍ଧିଜୀ ନିଜ ପାଖରେ ରଖିଲେ । ୧୯୨୫ ମସିହାରେ ମୀରା ବେନ୍ ଭାରତ ଆସି ସାବରମତି ଆଶ୍ରମରେ ଗାନ୍ଧିଜୀଙ୍କ ସେବାରେ ନିଜକୁ ହଜାଇଦେଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ମୀରା ବେନ୍‌ଙ୍କ ସକ୍ରିୟ ଯୋଗଦାନକୁ ଏ ଜାତି କେବେ ଭୁଲି ପାରିବ ନାହିଁ । ସାର୍ ରିଚାର୍ଡ଼ ଏଟେନବରୋଙ୍କ ଗାନ୍ଧୀ ଚଳଚ୍ଚିତ୍ର ପ୍ରଦର୍ଶନ ପରେ ଗାନ୍ଧୀବାଦର ଭାବଧାରା ପ୍ରତି ସାରା ବିଶ୍ୱ ସମୁଦାୟର ଯୁବ ଗୋଷ୍ଠୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଥିଲା । ତାଙ୍କ ଚଳଚ୍ଚିତ୍ର ''ଗାନ୍ଧୀ'' ୧୯୮୩ ମସିହାରେ ଓସ୍କାର ପୁରସ୍କାର ପାଇବାରେ ସଫଳ ହୋଇଥିଲା । ଏଟେନବରୋ ଉଲ୍ଲେଖ କରିଥିଲେ ଅହିଂସା କେବେ ଜଣେ ଭୀରୁର ଅସ୍ତ୍ର ନୁହେଁ ଏହା ସାହସୀର ଆୟୁଧ ଅଟେ ।

ଆମେରିକାର ଯୁବପିଢ଼ି ପ୍ରଶ୍ନ କରିଥିଲେ ଯେ ଏପରି ଏକ ମହାନ ଆତ୍ମାଙ୍କ ସଂପର୍କରେ କାହିଁକି ଆମକୁ ଆଗରୁ କୁହାଯାଇନଥିଲା । ୧୯୩୦ ମସିହାରେ ଆମେରିକାର ଟାଇମ୍ ପତ୍ରିକା ଗାନ୍ଧୀଙ୍କୁ ସନ୍ଥ ଗାନ୍ଧୀ ଭାବରେ ଅଭିହିତ କରିବା ସହ ସେହି ବର୍ଷର ଶ୍ରେଷ୍ଠ ବ୍ୟକ୍ତିତ୍ୱ ରୂପେ ପ୍ରତିପାଦନ କରିଥିଲା । କାରଣ ସାମାନ୍ୟ ମୁଠାଏ ଲୁଣକୁ ଅସ୍ତ୍ର କରି ଗୋଟିଏ ଶକ୍ତିଶାଳୀ ସାମ୍ରାଜ୍ୟର ଅହଂକାରକୁ ଅହିଂସା ମାଧ୍ୟମରେ ଗାନ୍ଧୀ ଧୂଳିସାତ୍ କରିଥିଲେ । ବିଶ୍ୱ ପ୍ରସିଦ୍ଧ ନାଟ୍ୟକାର ବର୍ଣ୍ଣାଡ ଶ'ଙ୍କ ସହିତ ଗାନ୍ଧିଜୀଙ୍କର ସାକ୍ଷାତକାର ଥିଲା ଏକ ଐତିହାସିକ ଘଟଣା । ବର୍ଣ୍ଣାଡ ଶ' କହିଥିଲେ– ଗାନ୍ଧିଜୀ ସାଧାରଣ ଉପାଦାନରେ ଗଢ଼ା ଏକ ମଣିଷ ନୁହଁନ୍ତି । ସେ ଏକ ବିସ୍ମୟ ତତ୍ତ୍ୱ । ନୋବେଲ୍ ପୁରସ୍କାର ବିଜେତା ଜର୍ଜ ବର୍ଣ୍ଣାଡ ଶ' ଙ୍କୁ ଗାନ୍ଧୀଙ୍କ ସମ୍ବନ୍ଧରେ ତାଙ୍କର କି ଧାରଣା ରହିଛି ବୋଲି ପ୍ରଶ୍ନ କରାଯାଇଥିଲା । ଉତ୍ତରରେ ସେ କହିଥିଲେ– ''ହିମାଳୟ ଉପରେ କି ଧାରଣା ରହିଛି ମୋତେ ପଚାରି ପାରନ୍ତି । ହିମାଳୟ ଓ ଗାନ୍ଧିଜୀଙ୍କ ମଧ୍ୟରେ ଥିବା ବିଶାଳଧାରଣା ମଧ୍ୟରେ ସାମାନ୍ୟ ପ୍ରଭେଦ ନାହିଁ'' ।

ପ୍ରସିଦ୍ଧ ବ୍ରିଟିଶ୍ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ରିଚ଼ାର୍ଡ ସାମୁଏଲ୍ ଏଟେନ୍‌ବରୋ ଯେଉଁ ଗାନ୍ଧୀ ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ଏହା ଗାନ୍ଧିଜୀଙ୍କ ଜୀବନଧାରା ଉପରେ ପର୍ଯ୍ୟବସିତ ଥିଲା । ବହୁ ଦେଶର ଲୋକ ଏହାକୁ ଏକାଧିକ ବାର ଦେଖିଥିଲେ । ଏହି ବ୍ୟୟ ବହୁଳ ଚଳଚ୍ଚିତ୍ରର ସମସ୍ତ ଖର୍ଚ୍ଚ କେବଳ ଦକ୍ଷିଣ ଆଫ୍ରିକାରୁ ଭରଣା ହୋଇପାରିଥିଲା । ବ୍ରିଟେନ୍, ଆମେରିକା, ଭାରତ ସମେତ ଅନ୍ୟାନ୍ୟ ଦେଶରୁ ଏହି ଚଳଚ୍ଚିତ୍ରରୁ ଯେଉଁ ଆୟ ଆସିଲା ଏହା କେବଳ ପ୍ରଯୋଜକଙ୍କ ଲାଭ ଥିଲା ।

ଗାନ୍ଧୀବାଦ ଓ ଗାନ୍ଧିଜୀଙ୍କର ଜୀବନ ଦର୍ଶନ ପ୍ରତି ଥିବା ବିଶ୍ୱବାସୀଙ୍କର ଅତୁଟ ବିଶ୍ୱାସ ଏହ ଜ୍ୱଳନ୍ତ ପ୍ରମାଣ ଅଟେ । ଇଟାଲିର ତତ୍କାଳୀନ ସମୟର ଏକଛତ୍ରବାଦୀ ଶାସକ ବେନିଟୋ ମୁସୋଲିନ୍‌ଙ୍କ ସହିତ ଗାନ୍ଧିଜୀଙ୍କର ସାକ୍ଷାତକାରରେ ବିଶ୍ୱବାସୀ ଆଶ୍ଚର୍ଯ୍ୟ ଓ ସ୍ତମ୍ଭୀଭୂତ ହୋଇ ପଡିଥିଲେ । କାରଣ ନିର୍ଦ୍ଧାରିତ ସମୟଠାରୁ ବହୁ ଅଧିକ ସମୟ ପର୍ଯ୍ୟନ୍ତ ଉଭୟ ପ୍ରସଙ୍ଗଭିତ୍ତିକ ଆଲୋଚନାରେ ନିମଗ୍ନ ଥିଲେ । ଆଲୋଚନା ସମାପ୍ତ ପରେ ମୁସୋଲିନ୍ ନିଜ ଆସନରୁ ଉଠି ଗାନ୍ଧିଜୀଙ୍କୁ ସସମ୍ମାନେ ବିଦାୟ ଦେଇଥିଲେ । ମୁସୋଲିନ ଏଭଳି ଏକ ବ୍ୟକ୍ତିତ୍ୱ ଯେ କେବେ କୌଣସି ପରିସ୍ଥିତିରେ କାହାକୁ ନିଜ ଆସନରୁ ଉଠି ପାଛୋଟି ନେବା କି ବିଦାୟ ଦେବା କେବେ ଦେଖାଯାଇନଥିଲା । ସେ ଯେତେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥାନ୍ତୁ ନା କାହିଁକି ଏହା କିନ୍ତୁ ଗାନ୍ଧିଜୀଙ୍କ କ୍ଷେତ୍ରରେ ହୋଇ ନଥିଲା । ଏହା ଥିଲା ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱର ପରିଚ଼ୟ ଯାହା ପ୍ରବଳ ପ୍ରତାପୀ ବେନିଟୋ ମୁସୋଲିନ୍ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । ବିଶ୍ୱର କଲ୍ୟାଣ ନିମନ୍ତେ ଗାନ୍ଧିଜୀ ବିଭିନ୍ନ ସମୟରେ ଅନେକ ବ୍ୟକ୍ତିଙ୍କୁ ଚିଠି ଲେଖି ନିଜର ଭାବାବେଗ ପ୍ରକାଶ କରିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧର କିଛିଦିନ ପୂର୍ବରୁ ଓ ଯୁଦ୍ଧ ଚାଲୁଥିବା ସମୟରେ ଗାନ୍ଧିଜୀ ନାଜି ଜର୍ମାନୀର ସୈର ଶାସକ ତଥା ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ୟତମ ଯୋଦ୍ଧା ଆଡଲଫ ହିଟ୍‌ଲର୍‌କୁ ଚ଼ିଠି ଲେଖି ନିଜର ମନୋଭାବ ପ୍ରକାଶ କରିଥିଲେ । ଗାନ୍ଧିଜୀଙ୍କ ଦ୍ୱାରା ଲିଖିତ ଦୁଇଟି ଚ଼ିଠିର ସାରମର୍ମ ଥିଲା– ମାନବିକତାର ଦୃଷ୍ଟିକୋଣରୁ ମାନବ ଜାତିର ସୁରକ୍ଷା ପାଇଁ

ଯୁଦ୍ଧ ବନ୍ଦ କରିବା ଏକାନ୍ତ ଆବଶ୍ୟକତା ରହିଛି । ହିଟ୍‌ଲର୍‌ଙ୍କୁ ଲିଖିତ ଗାନ୍ଧିଜୀଙ୍କର ଚିଠିରୁ ସ୍ପଷ୍ଟ ବାରି ହୋଇପଡେ ତାଙ୍କ ହୃଦୟର ମର୍ମ ବେଦନା ଓ ବ୍ୟାକୁଳତା । ଆମେରିକୀୟ ଗାନ୍ଧୀବାଦୀ ମାର୍ଟିନ୍ ଲୁଥର କିଙ୍ଗ୍ ଗାନ୍ଧୀ ଆଦର୍ଶର ଜଣେ ନିଷ୍ଠାପର ଭକ୍ତ । ସେ ଗାନ୍ଧୀ ଚିନ୍ତାଧାରାକୁ ଶେଷଜୀବନ ପର୍ଯ୍ୟନ୍ତ କାର୍ଯ୍ୟରେ ଆଗ୍ରହର ସହ ଉପଯୋଗ କରିଥିଲେ । ତାଙ୍କ ଭାଷାରେ– ''ଗାନ୍ଧିଜୀଙ୍କୁ ବାଦ୍ ଦେଇ ମାନବ ସମାଜର ପ୍ରଗତି ଚିନ୍ତା କରାଯାଇ ପାରେନା'' । ଆମେରିକାର ପୂର୍ବତନ ରାଷ୍ଟ୍ରପତି ବରାକ୍ ଓବାମା ଗାନ୍ଧିଜୀଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରି ନିଜର ଉପାଦେୟ ବକ୍ତବ୍ୟ ରଖିଥିଲେ– ''ଜୀବନରେ ମୁଁ ସବୁବେଳେ ମହାତ୍ମା ଗାନ୍ଧୀଙ୍କୁ ମୋ ପ୍ରେରଣା ବୋଲି ଭାବେ କାରଣ ଅତି ସାଧାରଣ ଲୋକେ ମିଶିଗଲେ ଯେ ଅସାଧାରଣ କିଛି ହାସଲ କରାଯାଇପାରେ ତାହା ସେ ନିଜେ ପ୍ରମାଣ କରି ଦେଖାଇ ଦେଇଥିଲେ । ୨୦୦୯ ମସିହାରେ ଏକ ଛାତ୍ରର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ରାଷ୍ଟ୍ରପତି ଓବାମା କହିଥିଲେ– ''ମୋ ରାତ୍ର ଭୋଜନର ପ୍ରଥମ ପସନ୍ଦର ସାଥୀ ହେଉଛନ୍ତି ଗାନ୍ଧୀ ଯିଏ ପ୍ରକୃତରେ ମୋ ପାଇଁ ବାସ୍ତବ ନାୟକ'' । ଗାନ୍ଧିଜୀଙ୍କ ସହିତ ଅତି ନିବିଡ ଓ ଆତ୍ମିକ ସଂପର୍କ ଥିଲା ବିଶ୍ୱ ପ୍ରସିଦ୍ଧ ଦାର୍ଶନିକ ରୋମାରୋଲାଁଙ୍କର । ଗାନ୍ଧିଜୀଙ୍କ ସଂପର୍କରେ ଯେଉଁ କାଳଜୟୀ ମନ୍ତବ୍ୟ ଦେଇଛନ୍ତି ରୋମାରୋଲାଁ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ– ''ଗାନ୍ଧିଜୀଙ୍କୁ କେବଳ ଆଗାମୀ କିଛି ସହସ୍ରାବ୍ଦୀ ପାଇଁ ଭାରତୀୟ ଇତିହାସର ପୁରୁଷ କହିଲେ ଚଳିବ ନାହିଁ, ଯୀଶୁଖ୍ରୀଷ୍ଟଙ୍କ ବାଣୀକୁ ପୁଣି ଉଜ୍ଜୀବିତ କରିଥିବା ଜଣେ ସନ୍ଥ ଆକାରରେ ମଧ୍ୟ ତାଙ୍କୁ ପାଶ୍ଚାତ୍ୟ ବିଶ୍ୱ ମନେ ରଖିବ । ସେ ଖ୍ରୀଷ୍ଟ, ରଷୋ, ଟଲଷ୍ଟୟ ଆଦି ମହାମାନବଙ୍କ ସମ୍ମିଶ୍ରଣ ଅବତାର'' । ବିଦ୍ୱାନ ରୋମାରୋଲାଁଙ୍କର ଗାନ୍ଧିଜୀଙ୍କ ପ୍ରତି ଅତୁଟ ଭକ୍ତି ଓ ସମ୍ମାନ ଥିଲା । ରୋମାରୋଲାଁ ଗାନ୍ଧିଜୀଙ୍କୁ ସାକ୍ଷାତ କରିବା ପୂର୍ବରୁ ଏକ ପ୍ରାଣସ୍ପର୍ଶୀ ମନ୍ତବ୍ୟ ତାଙ୍କ ଉଦ୍ଦେଶ୍ୟରେ ରଖିଥିଲେ, ତାହା ଥିଲା– ''ମୁଁ ଗାନ୍ଧିଜୀଙ୍କୁ ଦେଖିନାହିଁ କି ତାଙ୍କ ଦେଶକୁ ଯାଇ ନାହିଁ ଯଦି ତାଙ୍କୁ ଦେଖା କରେ ତାଙ୍କ ପାଦ ସ୍ପର୍ଶ କରି ପ୍ରଣାମ କରିବି'' । ମହାନ୍ ବିପ୍ଳବୀ ହୋଚିମିନ୍‌ଙ୍କର ଭାରତ ଗସ୍ତ ସମୟରେ ଭାରତୀୟ ସାମ୍ବାଦିକ ତାଙ୍କୁ ପ୍ରଶ୍ନ କରିଥିଲେ– ''ଭିଏତନାମ୍‌ରେ ତାଙ୍କର ଭୂମିକା ଓ ଭାରତରେ ଗାନ୍ଧିଜୀଙ୍କର ଭୂମିକାରେ କି ପ୍ରଭେଦ ରହିଛି?'' । ଉତ୍ତରରେ ହୋଚିମିନ୍ କହିଥିଲେ– ''ଏ ପ୍ରଶ୍ନଟି ଭୁଲ ଏବଂ ଏ ଉଭୟଙ୍କ ମଧ୍ୟରେ ତୁଳନା କରିବା ମୂର୍ଖତା । ଅବଶ୍ୟ ଏକଥା ସତ୍ୟ ଯେ ମୁଁ ବା ମୋ ଭଳି ଅନ୍ୟମାନେ କ୍ରାନ୍ତିକାରୀ ହୋଇପାରନ୍ତି । ଆମକୁ ଲୋକେ ଅତି ବେଶୀରେ ବିପ୍ଳବୀ କହିବେ ହେଲେ ଆମେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ହେଉଛୁ ଗାନ୍ଧୀଙ୍କ ଶିଷ୍ୟ'' । ୱିଲ୍ ଡୁରାଣ୍ଟଙ୍କ ଗାନ୍ଧିଜୀଙ୍କ ପ୍ରତି ଥିବା ତାଙ୍କର ମନୋଭାବର ମାର୍ମିକ ଭାବକୁ ବିଶ୍ୱବାସୀଙ୍କ ନିକଟରେ ଉପସ୍ଥାପନ କରିଥିଲେ – ''ବୁଦ୍ଧଙ୍କ ପରେ ଭାରତୀୟମାନେ ଆଉ କାହାକୁ ଏଭଳି ଭକ୍ତି କରିନଥିଲେ । ଗୋଟିଏ ବିପ୍ଳବର ନେତୃତ୍ୱ ଯେ ଏତେ ସଫଳତାର ସହ ଏମିତି ଜଣେ ସନ୍ଥ ଦ୍ୱାରା କରାଯାଇପାରେ ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି'' । ଗାନ୍ଧିଜୀ ସତ୍ୟ, ଅହିଂସାର ମନ୍ତ୍ର ବିଦେଶ ମାଟିରୁ ଗ୍ରହଣ କରିଥିଲେ । ଯେଉଁଠି ମାନବବାଦ ପ୍ରତି ବିପଦ ଦେଖାଯାଇଛି ସେଠାରେ ଗାନ୍ଧୀବାଦର ଆଦର୍ଶକୁ ସ୍ମରଣ କରାଯାଇଅଛି । ଅତ୍ୟାଚାରୀର ହୃଦୟ ପରିବର୍ତ୍ତନ କରିବାରେ ଗାନ୍ଧୀବାଦ ସମର୍ଥ ଅଟେ । ଗାନ୍ଧିଜୀଙ୍କର ଚରମ ବିରୋଧୀ ଜେନେରାଲ୍ ସ୍ମଟ୍‌ସ୍ ତାଙ୍କର ବନ୍ଧୁ ହୋଇଥିଲେ ପରବର୍ତ୍ତୀ ସମୟରେ । ପୋଲାଣ୍ଡର ଶ୍ରମିକ ନେତା ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ହେଲେନ ୱାରେସା କମ୍ୟୁନିଷ୍ଟ ଶାସନ ବିରୁଦ୍ଧରେ ଏବଂ ଶ୍ରମିକମାନଙ୍କର ଅଧିକାର ସାବ୍ୟସ୍ତ କରିବା ପାଇଁ ଗାନ୍ଧୀବାଦର ପଥରେ ସଂଗ୍ରାମ କରିଥିଲେ । ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ମଧ୍ୟ ଗାନ୍ଧିଜୀଙ୍କ ଅନୁଗାମୀ ବୋଲି ସର୍ବଦା କହି ଆସିଛନ୍ତି । ତାଙ୍କ ଦୃଷ୍ଟିରେ– ଗାନ୍ଧିଜୀ ଜଣେ ମହାନ୍ ମଣିଷ ଓ ମଣିଷ ପ୍ରକୃତି ସଂପର୍କରେ ଗଭୀର ବୋଧ ଶକ୍ତି ଥିଲା । ଦଲାଇଲାମା ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ନିଜର ଭକ୍ତି ଭାବ ପ୍ରକଟ କରି ଉଲ୍ଲେଖ କରିଥିଲେ – ''ଗାନ୍ଧିଜୀଙ୍କ ଜୀବନରୁ ମୁଁ ଅନେକ ପ୍ରେରଣା ପାଇଛି ଓ ତାଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି'' । ଜନ୍ ଲେନନ୍ ଇଂଲଣ୍ଡର ଜଣେ ପ୍ରସିଦ୍ଧ ସଙ୍ଗୀତଜ୍ଞ ଓ ଗୀତିକାର ।

ସେ ଗାନ୍ଧିଜୀଙ୍କୁ ତାଙ୍କ ସଙ୍ଗୀତର ଉତ୍ସ ବୋଲି ଅଭିହିତ କରନ୍ତି । ଜନ୍ ଲେନନ୍ ତାଙ୍କ ପତ୍ନୀ ୟୋକୋ ଥିଲେ ଗାନ୍ଧୀ ଅନୁଗାମୀ ସଫଳ ବ୍ୟକ୍ତିତ୍ୱ । ପୃଥିବୀରେ ହିଂସା ଓ ଭିଏତ୍ନାମରେ ହିଂସା ବନ୍ଦ ପାଇଁ ଗାନ୍ଧୀ ଦର୍ଶନରେ ପରିଚାଳିତ ଆନ୍ଦୋଳନର ଆଶ୍ରୟ ନେଇଥିଲେ । ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲ୍ସନ୍ ମଣ୍ଡେଲା ଏକାଧାରରେ ଜଣେ ରାଜନେତା, ବିପ୍ଲବୀ ଓ ଗାନ୍ଧୀବାଦର ଜଣେ ସତୀର୍ଥ ସମର୍ଥକ । ଏକଦା ସେ ଗାନ୍ଧିଜୀଙ୍କୁ ଏକ ଆଦର୍ଶ ଶିକ୍ଷକ ଭାବରେ ଅଭିହିତ କରିଥିଲେ । ଆଫ୍ରିକାର ପୁନର୍ଗଠନରେ ଗାନ୍ଧୀବାଦର ପ୍ରଚ୍ଛନ୍ନ ଭୂମିକା ରହିଥିବାର ସେ ମୁକ୍ତକଣ୍ଠରେ ସ୍ୱୀକାର କରିଥିଲେ । ଗାନ୍ଧିଜୀଙ୍କ ଶିକ୍ଷାପାଇଁ ବର୍ଣ୍ଣ ବୈଷମ୍ୟ ମଧ୍ୟ ଦୂର ହୋଇଥିବାର ମତବ୍ୟକ୍ତ କରନ୍ତି ନେଲ୍ସନ୍ ମଣ୍ଡେଲା । ବିଶ୍ୱବିଖ୍ୟାତ ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନ୍ ଷ୍ଟାଇନ୍ ଓ ମହାତ୍ମା ଗାନ୍ଧୀ ପରସ୍ପରକୁ ସମ୍ମାନ ଦେଉଥିଲେ । ଉଭୟ ପରସ୍ପରକୁ ନିୟମିତ ଚିଠି ଆଦାନ-ପ୍ରଦାନ କରୁଥିଲେ । ଚିଠିରେ ଆଇନ୍ଷ୍ଟାଇନ୍ ଗାନ୍ଧିଜୀଙ୍କୁ ଆଗାମୀ ପିଢ଼ିର ଆଦର୍ଶ ବୋଲି ଉଲ୍ଲେଖ କରିଥିଲେ । ସେ ଗାନ୍ଧିଜୀଙ୍କୁ ମଧ୍ୟ ବିଂଶ ଶତାବ୍ଦୀର ବିସ୍ମୟ ବୋଲି ଅଭିହିତ କରିଛନ୍ତି । ଆଇନ୍ଷ୍ଟାଇନ୍ ଆଉ ମଧ୍ୟ ଉଲ୍ଲେଖ କରିଛନ୍ତି ଗାନ୍ଧୀ ରକ୍ତ ମାଂସ ଶରୀର ଧାରଣ କରି ଏ ପୃଥିବୀରେ ଜନ୍ମ ଗ୍ରହଣ କରିଥିଲେ ଆଗାମୀ ପିଢ଼ି ବିଶ୍ୱାସ କରି ପାରିବେ ନାହିଁ । ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ତଥା ପରିବେଶବିତ୍ ଆଲ୍‌ଗୋରେ ସ୍ୱୀକାର କରିଛନ୍ତି ଗାନ୍ଧୀ ତାଙ୍କ ପ୍ରେରଣାର ଉତ୍ସ । ମହାତ୍ମା ଗାନ୍ଧୀଙ୍କର ସତ୍ୟାଗ୍ରହ ଦର୍ଶନକୁ ସତ୍ୟର ଶକ୍ତି ବୋଲି ଅଭିହିତ କରିଛନ୍ତି । ଖାଁ ଅବଦୁଲ୍ ଗଫର ଖାଁ ଯେ ସୀମାନ୍ତ ଗାନ୍ଧୀ ନାମରେ ପରିଚିତ ଜଣେ ନିଷ୍ଠାପର ଗାନ୍ଧୀ ଭକ୍ତ ଥିଲେ । ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ନୀତି ପ୍ରତି ତାଙ୍କର ଅଶେଷ ଶ୍ରଦ୍ଧା ଓ ସମ୍ମାନ ଥିଲା । ଜୀବନଚର୍ଯ୍ୟାରେ ସେ ଗାନ୍ଧୀଙ୍କ ନୀତିକୁ ସେ ଅନୁସରଣ କରି ଆସୁଥିଲେ । ସିଜର୍ କ୍ୟାଭେଥ ଜଣେ ଆମେରିକୀୟ ଶ୍ରମିକ ନେତା ତଥା ନାଗରିକ ଅଧିକାର ପ୍ରବକ୍ତା ଗାନ୍ଧୀଙ୍କ ଦର୍ଶନରେ ଅନୁଗ୍ରହୀତ ହୋଇଥିଲେ । କ୍ୟାଭେଜ ଗାନ୍ଧିଜୀଙ୍କ ଶୈଳୀ ଅନୁକରଣ କରି ତାଙ୍କର ଅନେକ ଆନ୍ଦୋଳନରେ ''ବାସନ୍ଧ'' ଓ ''ଅନଶନ''କୁ ଉପଯୋଗ କରି ସଫଳତା ପାଇଥିଲେ । ଗାନ୍ଧିଜୀଙ୍କ ପ୍ରତି ସିଜର୍ କ୍ୟାଭେଜ୍‌ଙ୍କ ଉତ୍ସାହପ୍ରଦ ମନ୍ତବ୍ୟ ଥିଲା– ''ଗାନ୍ଧିଜୀ କେବଳ ଅହିଂସାରେ କଥା କହୁନଥିଲେ, ନ୍ୟାୟ ଓ ସ୍ୱାଧୀନତା ପାଇଁ ଅହିଂସା କିପରି କାର୍ଯ୍ୟ କରିଥାଏ ଏକଥା ଦେଖାଇଥିଲେ'' । ଗାନ୍ଧିଜୀ ନିଜେ ଥରେ କହିଥିଲେ– ''ମୁଁ ରାଜନୀତିଜ୍ଞ ବେଶ ଧାରଣ କରିଥିଲେ ମଧ୍ୟ ଅନ୍ତରରେ ମୁଁ ଜଣେ ଧର୍ମପ୍ରାଣ ବ୍ୟକ୍ତି ।'' ଏ କଥାକୁ ପ୍ରମାଣ କରିଥିଲେ ଏଲ୍. ମସେଲ ତାଙ୍କ ପୁସ୍ତକ ''ଲାଷ୍ଟ ଡେଜ୍ ଅଫ୍ ବ୍ରିଟିଶ୍ ରାଜ୍'' ରେ । ଉକ୍ତ ପୁସ୍ତକରେ ସେ ଉଲ୍ଲେଖ କରିଥିଲେ– ବହୁ ଦୃଷ୍ଟିକୋଣରୁ ଗାନ୍ଧିଜୀ ଥିଲେ ଜଣେ ଧର୍ମପ୍ରାଣ ବ୍ୟକ୍ତି'' । ତାଙ୍କର କୃତିତ୍ୱକୁ ସମୀକ୍ଷା କରି ଯଥାର୍ଥରେ କୁହାଯାଇଛି– ଯୀଶୁଖ୍ରୀଷ୍ଟଙ୍କ ସମୟରୁ ପୃଥିବୀ ପୃଷ୍ଠରେ ମହାତ୍ମା ଗାନ୍ଧୀଙ୍କ ପରି ଜଣେ ସ୍ୱଦେଶ ଭକ୍ତ ଓ ବିଦ୍ରୋହୀ ଜନ୍ମ ନେଇ ନାହାନ୍ତି । ଆନ୍ଦୋଳନାତ୍ମକ ପନ୍ଥାର ବୈପ୍ଲବିକ ଆବିଷ୍କାର ଓ ତା'ର ଅଭିନବ ପ୍ରୟୋଗ ଦୃଷ୍ଟିରୁ ବିଚାର କଲେ ସକ୍ରେଟିସ୍, ଲେନିନ୍, ଗାରିବାଲଡ୍, ସନ୍-ୟାତ୍-ସେନ୍ ଅଥବା ୱାଶିଂଟନ୍ ଗାନ୍ଧିଜୀଙ୍କ ସହ ସମତୁଲ୍ୟ ହୋଇ ନ ପାରନ୍ତି । ନେପୋଲିଅନ ଯୁଦ୍ଧ କରି ପରାଜୟ ବରଣ କଲେ । ହିଟ୍‌ଲର୍ ୟୁରୋପକୁ କରଗତ କରି ଶେଷରେ ମୃତ୍ୟୁବରଣ କଲେ, କିନ୍ତୁ ଗାନ୍ଧିଜୀ ଅହିଂସା ନୀତିରେ ଅଗ୍ରସର ହୋଇ ଶେଷରେ କୃତକାର୍ଯ୍ୟ ହୋଇଥିଲେ । ତାଙ୍କର ବିଜୟ ଥିଲା ଅନ୍ୟାୟ ଉପରେ ନ୍ୟାୟର ବିଜୟ, ଅସତ୍ୟ ଉପରେ ସତ୍ୟର ବିଜୟ, ପାଶବିକ ଶକ୍ତି ଉପରେ ନୈତିକ ଶକ୍ତିର ବିଜୟ । ଗାନ୍ଧିଜୀଙ୍କର ଜୀବନୀ ଓ କୃତିତ୍ୱ ବିଶ୍ୱ ସମୁଦାୟ ପାଇଁ ପ୍ରେରଣାର ଉତ୍ସ । ଅବହେଳିତ ଓ ନିଷ୍ପେସିତମାନଙ୍କର ସେ ଥିଲେ ତ୍ରାଣକର୍ତ୍ତା ଓ ସ୍ୱର । ଯଥାର୍ଥରେ ସେ ବିଶ୍ୱମହାତ୍ମା ପଦବାଚ୍ୟ ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା– ୭୫୨୦୫୪